# କଲକାତାରେ ସଚ୍ଚି ରାଉତରାୟ

ଡଃ କୃଷ୍ଣଚନ୍ଦ୍ର ଭୂୟାଁ




୨୦୦୪ ଅଗଷ୍ଟ ୨୧ ତାରିଖରେ ମୃତ୍ୟୁବେଳକୁ କବି ସଚ୍ଚି ରାଉତରାୟଙ୍କୁ ୮୮ ବର୍ଷ ବୟସ ହୋଇଥିଲା ବୋଲି ସମ୍ବାଦପତ୍ରମାନଙ୍କରେ ପ୍ରକାଶିତ ହୋଇଥିଲା । ଏହି ହିସାବରେ ତାଙ୍କର ଜନ୍ମ ହୋଇଥିଲା ୧୯୧୬ ମେ ୧୩ ତାରିଖରେ । ଏ ବୟସ ତାଙ୍କ ସାର୍ଟିଫିକେଟ ଅନୁସାରେ । ଜାତକ ଅନୁସାରେ ସେ ଜନ୍ମ ହୋଇଥିଲେ ୧୯୧୩ ମେ ୧୩ ତାରିଖରେ । ଏହା ହିଁ ତାଙ୍କର ଠିକ୍ ଜନ୍ମ ତାରିଖ ।

ଖୋରଧା ହାଇସ୍କୁଲରେ ସେ ୧୯୨୫ ମସିହାରେ ପଞ୍ଚମ ଶ୍ରେଣୀରେ ନାମ ଲେଖାଇଥିଲେ । ସେଠାରେ ପଢୁଥିବାବେଳେ ସ୍ୱାଧୀନତା ସଂଗ୍ରାମରେ ସେ ପ୍ରତ୍ୟକ୍ଷ ଭାବରେ ଅଂଶ ଗ୍ରହଣ କରିଥିଲେ । ତାହା ଥିଲା ୧୯୨୮ ମସିହା । ଏହି କାରଣରୁ ସେ ବିତାଡ଼ିତ ହୋଇଥିଲେ ସ୍କୁଲରୁ । ଏହାପରେ ସେ ୧୯୩୪ ପର୍ଯ୍ୟନ୍ତ ନିଜ ଗାଁ ଗୁରୁଜଙ୍ଗରେ ରହିଥିଲେ । ଏହି ସମୟ ମଧ୍ୟରେ ସେ ଇଂରାଜୀ, ବଙ୍ଗଳା ଓ ଓଡ଼ିଆ ସାହିତ୍ୟ ପଢ଼ିବାକୁ ସୁଯୋଗ ପାଇଥିଲେ । ତାଙ୍କର ସାହିତ୍ୟିକ ଜୀବନର ପୃଷ୍ଠଭୂମି ପ୍ରସ୍ତୁତ ହୋଇଥିଲା ଗୁରୁଜଙ୍ଗରେ । ସ୍ମୃତିଚାରଣରେ ସେ କହିଛନ୍ତି, ଗାଁରେ ବସି ଫୁଲ୍‌ସ୍କେପ୍ ବାଲି କାଗଜରେ ଦୁଇ ତିନି ପୃଷ୍ଠାର ଗଦ୍ୟ କବିତା ଲେଖିଥିଲେ । ତାଙ୍କର ପ୍ରଥମ କବିତା ସମ୍ଭବତଃ ୧୯୨୬ ମସିହାରେ 'ପଞ୍ଚାମୃତ'ରେ ପ୍ରକାଶିତ ହୋଇଥିଲା ।

୧୯୩୪ ଜୁଲାଇରେ ସଚ୍ଚି ରାଉତରାୟ ଆସନ୍ତି କଲକାତା ପାଠ ପଢ଼ିବାକୁ । ନାମ ଲେଖାଇଲେ ଝାମା ପୁକୁର ଲେନ୍‌ରେ ଅବସ୍ଥିତ ବ୍ରାହ୍ମ ବଏଜ୍ ସ୍କୁଲରେ ମାଟ୍ରିକ୍ୟୁଲେଶନର ଶେଷ ବର୍ଷରେ । ପରେ ସେହି ସ୍କୁଲ ସ୍ଥାନାନ୍ତରିତ ହେଲା ମିର୍ଜାପୁର ଷ୍ଟ୍ରୀଟ୍ (ଅଧୁନା ସୂର୍ଯ୍ୟସେନ୍ ଷ୍ଟ୍ରୀଟ୍)କୁ ଏବଂ ତାହା ପରେ ନାମିତ ହେଲା ସିଟି ସ୍କୁଲ ନାମରେ । ସଚ୍ଚିବାବୁ କଲକାତା ବିଶ୍ୱବିଦ୍ୟାଳୟରୁ ପ୍ରଥମ ଶ୍ରେଣୀରେ ମାଟ୍ରିକ୍ ପାସ୍ କରିଥିଲେ । ଏହାପରେ ବନାରସ ହିନ୍ଦୁ ବିଶ୍ୱବିଦ୍ୟାଳୟରେ ଆଇ.ଏ. ଶ୍ରେଣୀରେ ନାମ ଲେଖାଇବାକୁ ଯାଇଥିଲେ । କିନ୍ତୁ ସେଠାକାର ପରିବେଶ ସହିତ ସେ ଖାପଖୁଆଇ ନପାରି ଫେରି ଆସିଥିଲେ କଲକାତାକୁ । କଲକାତାର ସିଟି କଲେଜରେ ସେ ଆଇ.ଏ. ଶ୍ରେଣୀରେ ନାମ ଲେଖାଇଲେ । ସିଟି କଲେଜ ଆମହର୍ଷ୍ଟ ଷ୍ଟ୍ରୀଟ୍ (ଅଧୁନା ରାଜା ରାମମୋହନ ସାରଣୀ)ରେ ଅବସ୍ଥିତ । ଏହାର ସାମ୍ନାରେ ପଞ୍ଚାନନ ଘୋଷ ଲେନ । ପଞ୍ଚାନନ ଘୋଷ ଲେନ୍‌ର ୯ ନମ୍ବରରେ ଏକଦା ଗୋଟିଏ ଓଡ଼ିଆ ଛାତ୍ରାବାସ ଥିଲା । ସେଠି କଲକାତା ବିଶ୍ୱବିଦ୍ୟାଳୟରେ ପଢୁଥିବାବେଳେ ପଣ୍ଡିତ ନୀଳକଣ୍ଠ ଦାସ, ଗୋଦାବରୀଶ ମିଶ୍ର, କୃପାସିନ୍ଧୁ ମିଶ୍ର, ପଦ୍ମଚରଣ ପଟ୍ଟନାୟକ ପ୍ରମୁଖ ରହୁଥିଲେ । ସେମାନେ ସଙ୍ଗଠନ କରି ବିଭିନ୍ନ ସଂସ୍କାରମୂଳକ କାର୍ଯ୍ୟ ସମ୍ପାଦନା କରିବା ସଂଗେସଂଗେ ସେଠାରେ ସାହିତ୍ୟ ସାଧନାରେ ମଧ୍ୟ ବ୍ରତୀ ହୋଇଥିଲେ ।

ସଚ୍ଚି ରାଉତରାୟ ଓ ତାଙ୍କର କେତେ ଜଣ ବନ୍ଧୁ ମିଶି 'ଦୀପକ ସଂଘ' ନାମରେ ଏକ ସଂଗଠନ କରିଥିଲେ । ଏହାର ଆଭିମୁଖ୍ୟ ଥିଲା କଲକାତା ସହରରେ ଓଡ଼ିଆ ସାହିତ୍ୟ ଓ ସଂସ୍କୃତିର ପ୍ରଚାର ଓ ପ୍ରସାର । ଅନୁଷ୍ଠାନଟି ରବୀନ୍ଦ୍ର ନାଥଙ୍କର ଆଶୀର୍ବାଦ ଲାଭ କରିଥିଲା । ରବୀନ୍ଦ୍ର ନାଥ ଅନୁଷ୍ଠାନଟିର ସଫଳତା କାମନା କରି ଯେଉଁ ବାର୍ତ୍ତା ଦେଇଥିଲେ ତାହାର ଶେଷ ବାକ୍ୟ ଥିଲା - 'ବାଲାଂର ସଙ୍ଗେ ଉଡ଼ିଷ୍ୟାର ସୌହାର୍ଦ୍ଧ୍ୟର

ଯୋଗସୂତ୍ର ଦୃଢ଼ ହୋଇ୍‌ଇହା ଆମାର ଆନ୍ତରିକ କାମନା ।' ଦୀପକ ସଂଘ ତରଫରୁ ସଚ୍ଚି ରାଉତରାୟଙ୍କର 'ପ୍ରେମ ଓ ପଣ୍ୟ' ପୁସ୍ତିକାଟି ପ୍ରକାଶିତ ହୋଇଥିଲା । ତାଙ୍କର ଉପନ୍ୟାସ 'ଚିତ୍ରଗ୍ରୀବ' ମଧ୍ୟ ଏହି ସଂଘ ତରଫରୁ ପ୍ରକାଶିତ ହୋଇଥିଲା । ଏଥିରେ କଲକାତା ସହରର ବୁଦ୍ଧିଜୀବୀମାନଙ୍କ ଜୀବନର ହାସ୍ୟ, ବ୍ୟଙ୍ଗାତ୍ମକ ଚିତ୍ର ପ୍ରତିଫଳିତ ହୋଇଛି । ଭଗବତୀ ଚରଣ ପାଣିଗ୍ରାହୀ 'ଆଧୁନିକ'ର ଦ୍ୱିତୀୟ ସଂଖ୍ୟାରେ 'ଚିତ୍ରଗ୍ରୀବ'ର ଏକ ବିଜ୍ଞାପନ ଛାପି ଥିଲେ । ତାହା ଥିଲା - 'ପ୍ରକାଶ ପାଇଲା ! ପ୍ରକାଶ ପାଇଲା ! ସଚ୍ଚିଦାନନ୍ଦ ରାଉତରାୟଙ୍କର ସେହି ବହୁଜନ ନିନ୍ଦିତ ଓ ବହୁଜନ ପ୍ରଶଂସିତ ଉପନ୍ୟାସ ଚିତ୍ରଗ୍ରୀବ - ଗୋଟିଏ ରକମର ହସଅଛି, ଯାହାକୁ ଦେଖିଲେ ମନେହୁଏ ସିଂହ ହସୁଛି । ଗୁର୍ଖା ସିପାହୀର ସଂଗୀନ ପରି ଦୁନିଆର ସବୁ ଜାଲିଆତି, ସବୁ ଧପ୍ପାବାଜି ବିରୁଦ୍ଧରେ ସେ ହସଦାନ୍ତ ବାହାର କରିଛି । ଆଜି ହିଁ କିଣି ପଢ଼ନ୍ତୁ । ପ୍ରକାଶକ- ଦୀପକ ସଂଘ, କଲିକତା, କଟକର ବଡ଼ବଡ଼ ବହି ଦୋକାନରେ ମିଳେ ।'

ଆଇ.ଏ. ପରୀକ୍ଷାର ପ୍ରାୟ ଦୁଇମାସ ପୂର୍ବରୁ କମ୍ୟୁନିଷ୍ଟ ଷଡ଼ଯନ୍ତ୍ର ମୋକଦ୍ଦମା ଘଟଣାରେ ପୁଲିସ ତାଙ୍କୁ ଗିରଫ କରିଥିଲା । ସେ ଜେଲ୍‌ରେ ଥାଇ ପରୀକ୍ଷା ପାଇଁ ପ୍ରସ୍ତୁତ ହେଉଥିଲେ । ଯେଉଁଦିନ ପରୀକ୍ଷା ଆରମ୍ଭ ହେବ, ସେଦିନ ଜାମିନରେ ଖଲାସ ହେବାରୁ ପରୀକ୍ଷା ହଲ୍‌କୁ ଯାଇ ସେ ପରୀକ୍ଷା ଦେଇଥିଲେ । ପରୀକ୍ଷାରେ ସେ ଦ୍ୱିତୀୟ ଶ୍ରେଣୀରେ ଆଇ.ଏ. ପାସ୍ କଲେ ।

ଗ୍ରେପ୍ତାର ହେବା ଘଟଣା ପରେ ତାଙ୍କୁ କଲକାତାରେ ପଢ଼ାଇବାକୁ ଘରେ ରାଜି ହେଲେ ନାହିଁ । ତେଣୁ ସେ ରେଭେନ୍ସା କଲେଜରେ ହିଁ ବି.ଏ. ପଢ଼ିଲେ । ୧୯୩୭ରୁ ୧୯୩୯ ମଧ୍ୟରେ କଟକରେ ଛାତ୍ର ଥିବାବେଳେ ସେ ଗଡ଼ଜାତ ପ୍ରଜା ଆନ୍ଦୋଳନ, ସ୍ୱାଧୀନତା ଆନ୍ଦୋଳନ, ଛାତ୍ର ଧର୍ମଘଟ ଇତ୍ୟାଦିରେ ଅଂଶ ଗ୍ରହଣ କରିଥିଲେ । ଛାତ୍ର ଧର୍ମଘଟରେ ଅଂଶ ନେବାରୁ ସେ କଟକ ଜେଲ୍‌ରେ ଏକ ମାସ ବନ୍ଦୀ ଥିଲେ । ୧୯୩୯ ମସିହାରେ ବି.ଏ. ପାସ୍ କଲେ । ୧୯୪୨ ଯାଏଁ ସେ ଓଡ଼ିଶା କଂଗ୍ରେସ ଓ କଂଗ୍ରେସ ସୋସାଲିଷ୍ଟ ପାର୍ଟିର ସଦସ୍ୟ ଥିଲେ । ସେ କମ୍ୟୁନିଷ୍ଟ ପାର୍ଟିର ସଦସ୍ୟ ନଥିଲେ ହେଁ ତତ୍କାଳୀନ କମ୍ୟୁନିଷ୍ଟ ନେତାମାନଙ୍କର ଘନିଷ୍ଠ ଥିଲେ ।

ଏହାପରେ ୧୯୪୨ରୁ ୧୯୬୨ ପର୍ଯ୍ୟନ୍ତ କୋଡ଼ିଏ ବର୍ଷ କାଳ ତାଙ୍କ କର୍ମମୟ ଜୀବନ ଅତିବାହିତ ହୋଇଥିଲା କଲକାତା ସହରରେ । ବିରଳା ଶିଳ୍ପ ଗୋଷ୍ଠୀଦ୍ୱାରା ପରିଚାଳିତ ମାଟିଆ ବୁରୁଜର କେଶୋରାମ କଟନ ମିଲ୍‌ରେ ସେ ମୁଖ୍ୟ ଶ୍ରମମଙ୍ଗଳ ଅଫିସ୍‌ର ଭାବରେ କାର୍ଯ୍ୟ କଲେ । ପରେ ସେ ସେଠାରେ ଏକଜିକ୍ୟୁଟିଭ୍ ଅଫିସର ଓ କାରଖାନା ମ୍ୟାନେଜର୍ ପଦରେ ମଧ୍ୟ ରହିଥିଲେ । ଚାକିରି କରିବା ପରେ ୧୯୪୫ ମେ ୨୧ରେ ଆନ୍ଧ୍ରପ୍ରଦେଶର କୃଷ୍ଣା ଜିଲ୍ଲାର ଗୋଲାପଲ୍ଲୀ ରାଜାଙ୍କ କନିଷ୍ଠା କନ୍ୟା ଭୂଦେବୀଙ୍କ ସହିତ ତାଙ୍କର ବିବାହ ହୁଏ । ତାଙ୍କ କର୍ମମୟ ଜୀବନ କାଳରେ ଶ୍ରମିକ ବସ୍ତିରେ ଥିବା ପ୍ରାଥମିକ ବିଦ୍ୟାଳୟଟିକୁ କ୍ରମଶଃ ସେ ହାଇସ୍କୁଲରେ ପରିଣତ କରିଥିଲେ । ସେଠାରେ ହିନ୍ଦୀ, ବଙ୍ଗଳା, ଓଡ଼ିଆ, ତେଲୁଗୁ ଓ ଇଂରାଜୀ ପୁସ୍ତକ ସଂଗୃହୀତ ହୋଇ ଏକ ପାଠାଗାର ନିର୍ମିତ ହୋଇଥିଲା । ଏଥିପାଇଁ ତାଙ୍କର ଉଦ୍ୟମ ସ୍ମରଣୀୟ ଥିଲା । ମିଲ୍ କର୍ତ୍ତୃପକ୍ଷଙ୍କୁ ରାଜି କରାଇ ସେଠାରେ ସେ ଏକ ଲକ୍ଷ୍ମୀନାରାୟଣ ମନ୍ଦିର ଓ ଆଉ ଏକ ଜଗନ୍ନାଥ ମନ୍ଦିର ନିର୍ମାଣ କରାଇଥିଲେ । ଏଇ ଅନୁଷ୍ଠାନଗୁଡ଼ିକର ପରିଚାଳନାରେ ସେ ମୁଖ୍ୟ ଅଂଶ ଗ୍ରହଣ କରିଥିଲେ ।

କଲକାତାରେ ୧୯୪୬ ମସିହାରେ ହିନ୍ଦୁ-ମୁସଲମାନ ଦଙ୍ଗା ଭୟଙ୍କର ରୂପ ଗ୍ରହଣ କରିଥିଲା । ସେତେବେଳେ ବଙ୍ଗଳାର ପ୍ରଧାନମନ୍ତ୍ରୀ ଥା'ନ୍ତି ସୁରାୱର୍ଦ୍ଦି । ଦଙ୍ଗାର ପ୍ରକୋପ ବେଶି ଅନୁଭୂତ ହୋଇଥିଲା ମାଟିଆ ବୁରୁଜରେ । ଓଡ଼ିଶାରୁ ପୂର୍ବତନ ପ୍ରଧାନମନ୍ତ୍ରୀ ବିଶ୍ୱନାଥ ଦାସ ଓ ପୁଲିସ୍ ଅଫିସର ବସନ୍ତ ମିଶ୍ର ପ୍ରତିନିଧିତ୍ୱ କରିଥିଲେ ସେଠାରେ ଶାନ୍ତିରକ୍ଷା କରି କ୍ଷତିଗ୍ରସ୍ତ ଓଡ଼ିଆମାନଙ୍କୁ କ୍ଷତିପୂରଣ ଦେବାକୁ । ସେ କ୍ଷେତ୍ରରେ ସେମାନଙ୍କୁ ବଙ୍ଗ ସରକାର ସାହାଯ୍ୟ କରୁଥାଆନ୍ତି । ସେତେବେଳେ ମହାତ୍ମା ଗାନ୍ଧୀ ବେଲିଆଘାଟାରେ ଅବସ୍ଥାନ କରୁଥାଆନ୍ତି । ସଚ୍ଚି ରାଉତରାୟ ମହାତ୍ମା ଗାନ୍ଧୀଙ୍କ ସମ୍ପର୍କରେ ଆସିଥିଲେ । ସେ ସୁରାୱାର୍ଦ୍ଦିଙ୍କ ପରାମର୍ଶକ୍ରମେ ପ୍ରାୟ ସପ୍ତାହ ପର୍ଯ୍ୟନ୍ତ ମହାତ୍ମା ଗାନ୍ଧୀଙ୍କୁ ପ୍ରତିଦିନ କଟନ ମିଲ୍‌ର ଗାଡ଼ିରେ ସଭାସ୍ଥଳକୁ ଆଣୁଥିଲେ ଓ ରହଣି ସ୍ଥାନରେ ଛାଡ଼ି ଆସୁଥିଲେ । ଦଙ୍ଗାଗ୍ରସ୍ତ ଅଞ୍ଚଳରେ ଶାନ୍ତି ଫେରାଇ ଆଣିବାକୁ ଯେଉଁ ଶାନ୍ତି କମିଟିମାନ ଗଠିତ ହୋଇଥିଲା, ସେଥିରେ ସଚ୍ଚି ରାଉତରାୟ ସକ୍ରିୟ ଅଂଶ ଗ୍ରହଣ କରିଥିଲେ । ତାଙ୍କ କର୍ମମୟ ଜୀବନ କାଳରେ ସେ ସଭା, ସମ୍ମିଳନୀ ଓ ସାହିତ୍ୟ ସମ୍ମିଳନୀ ପ୍ରଭୃତି କାର୍ଯ୍ୟକ୍ରମରେ ବିଶେଷ ଭାବରେ ଯୁକ୍ତ ହୋଇଥିଲେ । ମାଟିଆ ବୁରୁଜଠାରେ ପ୍ରବାସୀ ଓଡ଼ିଆ ସମ୍ମିଳନୀ ଅନୁଷ୍ଠିତ ହୋଇଥିଲା ତାଙ୍କରି ତତ୍ତ୍ୱାବଧାନରେ । ବୋଧହୁଏ ୧୯୪୮ ମସିହାରେ ଏହା ହୋଇଥିଲା । ଓଡ଼ିଶାର ତତ୍କାଳୀନ ମୁଖ୍ୟମନ୍ତ୍ରୀ ଡଃ ହରେକୃଷ୍ଣ ମହତାବ ପଶ୍ଚିମବଙ୍ଗର ତତ୍କାଳୀନ ମୁଖ୍ୟମନ୍ତ୍ରୀ ପ୍ରଫୁଲ୍ଲ ଘୋଷ ଓ ଚିନ୍ତାମଣି ଆଚାର୍ଯ୍ୟ ଯଥାକ୍ରମେ ସଭାପତି, ଉଦ୍‌ଘାଟକ ଓ ମୁଖ୍ୟଅତିଥି ଭାବରେ ସେଥିରେ ଯୋଗ ଦେଇଥିଲେ । ଷଢ଼େଇକଳା, ଖରସୁଆଁ ଓ ଅନ୍ୟାନ୍ୟ ବିଚ୍ଛିନ୍ନ ଓଡ଼ିଆଭାଷୀ ଅଞ୍ଚଳର ମିଶ୍ରଣ ପାଇଁ ଏହି ସମ୍ମିଳନୀରେ ପ୍ରସ୍ତାବ ଗୃହୀତ ହୋଇଥିଲା । ଏହାପରେ ନିଖିଳ ଭାରତ ପ୍ରବାସୀ ଉତ୍କଳ ସମ୍ମିଳନୀ ଅନୁଷ୍ଠିତ ହୋଇଥିଲା ରାଜା ସୁବୋଧ ମଲ୍ଲିକ ସ୍କୋୟାର (ୱେଲିଂଟନ ସ୍କୋୟାର)ଠାରେ । ଏହା ୧୯୫୯ (ମତାନ୍ତରରେ ୧୯୬୦)ରେ ଅନୁଷ୍ଠିତ ହୋଇଥିଲା । ସଚ୍ଚି ରାଉତରାୟ ଥିଲେ ତାହାର ପ୍ରସ୍ତୁତି କମିଟିର ଚେୟାରମ୍ୟାନ୍ । ଏହି ତିନି ଦିନିଆ ସମ୍ମିଳନୀକୁ ତତ୍କାଳୀନ କେନ୍ଦ୍ରମନ୍ତ୍ରୀ ଲାଲବାହାଦୁର ଶାସ୍ତ୍ରୀ ଉଦ୍‌ଘାଟନ କରିଥିଲେ । ଅନ୍ୟାନ୍ୟ ଦିନ କାର୍ଯ୍ୟକ୍ରମରେ ପଶ୍ଚିମବଙ୍ଗର ମନ୍ତ୍ରୀ ପ୍ରଫୁଲ ସେନ୍, କେନ୍ଦ୍ରମନ୍ତ୍ରୀ ହୁମାୟୁନ କବିର ଓ ଅଶୋକ ସେନ୍ ପ୍ରମୁଖ ଯୋଗ

ଦେଇଥିଲେ । ଏହାବ୍ୟତୀତ ଓଡ଼ିଶାର ସ୍ୱନାମଧନ୍ୟ ଲେଖକ, ଶିଳ୍ପୀମାନେ ଯୋଗ ଦେଇଥିଲେ । ଓଡ଼ିଶାର କାରୁକାର୍ଯ୍ୟ ଓ ହସ୍ତଶିଳ୍ପର ଏକ ମନଛୁଆଁ ପ୍ରଦର୍ଶନୀ ମଧ ଆୟୋଜିତ ହୋଇଥିଲା । ସମ୍ମିଳନୀରେ କବି ରାଉତରାୟଙ୍କ ଅଧକ୍ଷତାରେ ନିଖିଳ ଭାରତ ଉତ୍କଳ ମହାସଭା ନାମରେ ଏକ କେନ୍ଦ୍ରୀୟ ପ୍ରବାସୀ ଓଡ଼ିଆ ସଂଗଠନ ଗଠିତ ହୋଇଥିଲା । ତାହା କିନ୍ତୁ ପରେ କାର୍ଯ୍ୟକାରୀ ହୋଇ ପାରିନଥିଲା । ୧୯୪୯ ମସିହାରେ ବୌବଜାର ଅନ୍ତର୍ଗତ ଇଣ୍ଡିଆନ୍ ଆସୋସିଏସନ୍ ହଲ୍‌ରେ ପ୍ରବାସୀ ଓଡ଼ିଆ ସାହିତ୍ୟ ସମ୍ମିଳନୀ ଅନୁଷ୍ଠିତ ହୋଇଥିଲା । ଏହି ସାହିତ୍ୟ ସମ୍ମିଳନୀରେ ସେ ସକ୍ରିୟ ଭୂମିକା ଗ୍ରହଣ କରିଥିଲେ । କାଳିନ୍ଦୀ ଚରଣ ପାଣିଗ୍ରାହୀ, ତାରାଶଙ୍କର ବନ୍ଦୋପାଧାୟ ଓ ଅନ୍ନଦାଶଙ୍କର ରାୟ ପ୍ରମୁଖ ପ୍ରସିଦ୍ଧ ଲେଖକମାନେ ସେହି ସାହିତ୍ୟ ସମ୍ମିଳନୀରେ ଯୋଗ ଦେଇଥିଲେ । ସମ୍ମିଳନୀ ପରେ କଲକାତାରୁ ପ୍ରକାଶ ହେବାକୁ ଯାଉଥିବା ଓଡ଼ିଆ ପତ୍ରିକାର ନାମ 'ଆସନ୍ତାକାଲି' ଦେଇଥିଲେ କାଳିନ୍ଦୀ ପାଣିଗ୍ରାହୀ ।

ତାରାଶଙ୍କର, ବିଷ୍ଣୁ ଦେ, ବୁଦ୍ଧଦେବ ବସୁ, ମନୀନ୍ଦ୍ର ରାୟ, ସତୀକାନ୍ତ ଗୁହ, କାଳିଦାସ ନାଗ, ହରୀନ୍ଦ୍ରନାଥ ଚଟ୍ଟୋପାଧାୟ, ସରୋଜିନୀ ନାଇଡୁ, ବିଜୟଲକ୍ଷ୍ମୀ ପଣ୍ଡିତ, ପଦ୍ମଜା ନାଇଡୁ, ଲାଲବାହାଦୁର ଶାସ୍ତ୍ରୀ, ରାଜେନ୍ଦ୍ର ପ୍ରସାଦ ପ୍ରମୁଖ ଉଚ୍ଚସ୍ତରର ନେତା ଓ ଲେଖକମାନଙ୍କ ସହିତ ତାଙ୍କର ପରିଚୟ ଥିଲା । କେଶୋରାମ କଟନ ମିଲ୍‌ରେ ତାଙ୍କର କର୍ମମୟ ଜୀବନ କାଳରେ ସେ ୧୯୫୨ରେ ଅଷ୍ଟ୍ରେଲିଆ ଓ ନିଉଜିଲ୍ୟାଣ୍ଡରେ ଆନ୍ତର୍ଜାତିକ ସମାଜ ମଙ୍ଗଳ ସମ୍ମିଳନୀରେ, ୧୯୫୪ରେ ହାବାର୍ଡ଼ ବିଶ୍ୱବିଦ୍ୟାଳୟର ଆନ୍ତର୍ଜାତିକ କଳା ଓ ବିଜ୍ଞାନ ଆଲୋଚନାଚକ୍ରରେ, ୧୯୬୨ ମସିହାରେ ଆମେରିକାର ଷ୍ଟଡ଼ି ମିଶନ ଇଣ୍ଟରନେସନାଲ ସଂସ୍ଥାର କାର୍ଯ୍ୟକ୍ରମରେ ଯୋଗ ଦେଇଥିଲେ । ଏଇ ସମୟରେ ସେ ସିଂହଳ, ଜାପାନ, ଇଣ୍ଡୋନେସିଆ, ଇଂଲଣ୍ଡ, ଫ୍ରାନ୍ସ, ଇଟାଲୀ, ଜର୍ମାନୀ, ସୁଇଜରଲ୍ୟାଣ୍ଡ, ମିଶର ଇତ୍ୟାଦି ଦେଶ ଭ୍ରମଣ କରିଥିଲେ । ସେ ୧୯୫୬ରୁ ୧୯୬୨ ପର୍ଯ୍ୟନ୍ତ ସେ ଫିଲ୍ମ ସେନ୍‌ସର ବୋର୍ଡ଼, କଲକାତା ପରାମର୍ଶଦାତା କମିଟିର ସଭ୍ୟ ଥିଲେ । ଚାକିରି ଛାଡ଼ିବା ପରେ ସେ ବିଭିନ୍ନ ସମୟରେ କଲକାତା ଆସୁଥିଲେ । ୧୯୬୮ ମସିହାରେ କଲକାତାରେ ନିଖିଳ ଭାରତ କବି ସମ୍ମିଳନୀ ଅନୁଷ୍ଠିତ ହୋଇଥିଲା । ପ୍ରଥମ ଅଧିବେଶନରେ ସେ ସଭାପତିତ୍ୱ କରିଥିଲେ । ୧୯୭୨ ମସିହାରେ କଲକାତାରେ ଅନୁଷ୍ଠିତ ହୋଇଥିଲା ପୂର୍ବ ଭାରତୀୟ ଲେଖକ ସମ୍ମିଳନୀ । ଏହାର ପ୍ରସ୍ତୁତି କମିଟିର ସେ ଅଧକ୍ଷ ଥିଲେ ।

କବି ସଚ୍ଚି ରାଉତରାୟଙ୍କ ଲିଖିତ ବାଜି ରାଉତ ଓ ଆଉ କେତେକ କବିତାର ଇଂରାଜୀ ଅନୁବାଦ କରିଥିଲେ ହରୀନ୍ଦ୍ର ନାଥ ଚଟ୍ଟୋପାଧାୟ । 'ବୋଟ୍ ମ୍ୟାନ୍ ବୟ ଏଣ୍ଡ ଅଦର ପୋଏମ୍ସ' ବହିଟି କଲିକତାର ସମବାୟ ପ୍ରେସ୍ ଦ୍ୱାରା ୧୯୪୨ ମସିହାରେ ପ୍ରକାଶିତ ହୋଇଥିଲା । ପରେ ୧୯୫୫ ମସିହାରେ 'ବୋଟ୍‌ମ୍ୟାନ ବୟ ଏଣ୍ଡ ଫର୍ଟିଓ୍ୱାନ ପୋଏମ୍ସ' ନାମରେ ଯେଉଁ ବହିଟି ପ୍ରକାଶିତ ହୋଇଥିଲା ତାହା ସେ ନିଜେ, ହରୀନ୍ଦ୍ରନାଥ ଓ ବି. ସିହ୍ନା ଅନୁବାଦ କରିଥିଲେ । ଏହାଛଡ଼ା ଶଶୀକଳା ଚୌଧୁରୀଙ୍କ ଅନୁଦିତ 'ହୋୟାର ଫ୍ଲୋଜ ଦି ଭାନୁମତୀ' ଏବଂ 'ପ୍ରତିମା ନାୟକ ଏଣ୍ଡ ଅଦର ପୋଏମ୍ସ' ଥିଲା ସଚ୍ଚି ରାଉତରାୟଙ୍କ କବିତ୍ୱର ସଫଳ ସ୍ମାରକୀ । 'ଅଳକା ସାନ୍ୟାଲ୍', 'ମାଟିଆ ବୁରୁଜର ଜହ୍ନ' କବିତା ପାଇଁ ସେ ମଧ୍ୟ କମ୍ ଲୋକପ୍ରିୟ ହୋଇନଥିଲେ । ତାଙ୍କ ରଚିତ କବିତା ବିଭିନ୍ନ ବଙ୍ଗଳା ପତ୍ରିକାରେ ମଧ ପ୍ରକାଶିତ ହୋଇଥିଲା । ଏହି କଲକାତାରୁ ସେ ୧୯୮୮ରେ ପାଇଥିଲେ ବିଭୂତିଭୂଷଣ ବନ୍ଦୋପାଧାୟ ପୁରସ୍କାର ।

ଏହା ପୂର୍ବ ବର୍ଷ ୧୯୮୭ ମସିହାରେ ସେ କଲକାତାରେ ଅନୁଷ୍ଠିତ ସାର୍କ ଲେଖକ ସମ୍ମେଳନରେ ସସ୍ତ୍ରୀକ ଯୋଗ ଦେଇ ବକ୍ତୃତା ଦେଇଥିଲେ । ଓଡ଼ିଶାରୁ ଏବର ଉତ୍କଳ ପ୍ରସଙ୍ଗର ମୁଖ୍ୟ ସଂପାଦକ ଗୁରୁକଲ୍ୟାଣ ମହାପାତ୍ରଙ୍କ ସମେତ ଭାଷାବିତ୍ ପ୍ରଫେସର ବିଜୟ ପ୍ରସାଦ ମହାପାତ୍ର, ଇଂଜିନିଅର ପ୍ରଭାକର ସ୍ୱାଇଁ ମଧ ସେହି ସମ୍ମିଳନୀରେ ପ୍ରତିନିଧିତ୍ୱ କରିଥିଲେ ।

ହୁମାୟୁନ୍ କବିର ଓ ଡଃ କାଳିଦାସ ନାଗ୍‌ଙ୍କ ଭଳି ବିଦଗ୍ଧ, ସମାଲୋଚକ ତାଙ୍କ କବି ପ୍ରତିଭାର ପ୍ରଶଂସା ନକରି ରହିପାରି ନାହାନ୍ତି । ହିନ୍ଦୁସ୍ଥାନ ଷ୍ଟାଣ୍ଡାର୍ଡ଼ ଓ ଅନ୍ୟାନ୍ୟ ପତ୍ରିକା ମଧ ତାଙ୍କ କବିତା ଓ ଗଳ୍ପର ଯଥାର୍ଥ ସମୀକ୍ଷା କରିଛନ୍ତି । କଲକାତାର ବଙ୍ଗୀୟ ଲେଖକମାନଙ୍କ ନିକଟରେ ସଚ୍ଚି ରାଉତରାୟ ଥିଲେ ଜଣେ ପରିଚିତ, ଯଶସ୍ୱୀ, ପ୍ରତିଷ୍ଠିତ ଓ ପ୍ରଗତିଶୀଳ କବି ।

ଓ-୧୨, କ୍ଲଷ୍ଟର-୩
ପୂର୍ବାଞ୍ଚଳ ସଲ୍ଟଲେକ୍, କଲକାତା-୭୦୦୦୯୭

■ ■ ■ ■ ■